# ରାଜ୍ୟ ସଂଗ୍ରହଣ କକ୍ଷ

# ପୂର୍ତ୍ତ ବିଭାଗ, ଓଡିଶା ସରକାର

# ନିର୍ମାଣ ସୌଧ,ଭୁବନେଶ୍ୱର-୭୫୧୦୦୧

## ଠିକାଦାର ତଥ୍ୟାବଳି ପରିଚାଳନା ପଦ୍ଧତି (CDMS) ମାଧ୍ୟମରେ ଅନଲାଇନ୍ ରେଜେଷ୍ଟ୍ରିକରଣ

### ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ଵାରା ସମସ୍ତ ରେଜେଷ୍ଟ୍ରିକୃତ ଠିକାଦାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୂର୍ତ୍ତ ବିଭାଗ ପତ୍ର ସଂଖ୍ୟା ୧୨୯୩୫ ତା ୨୩.୦୮.୨୦୧୮ ଅନୁସାରେ ସମସ୍ତ ଠିକାଦାରଙ୍କ, "ଠିକାଦାର ତଥ୍ୟାବଳି ପରିଚାଳନା ପଦ୍ଧତି" (CDMS) (www.cdmsodisha.gov.in)" ମାଧ୍ୟମରେ ରେଜେଷ୍ଟ୍ରିକରଣ ଅନିର୍ବାର୍ଯ୍ୟ ଅଟେ । ଅନେକ ତାଲିକା ଭୁକ୍ତ ଠିକାଦାର, "ଠିକାଦାର ତଥ୍ୟାବଳି ପରିଚାଳନା ପଦ୍ଧତି"(CDMS) ମାଧ୍ୟମରେ ରେଜେଷ୍ଟ୍ରିକୃତ ହୋଇ ସମ୍ପୃକ୍ତ ଦସ୍ତାବିଜ ବିଧିମାନ୍ୟତା ପାଇଁ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ଦାଖଲ କରିଛନ୍ତି ।

ଆପାତତଃ ଦୁଇ ବର୍ଷ ବିଗତ ହେବା ସତ୍ତ୍ୱେ ଅନେକ ଠିକାଦାର ଆଜି ପର୍ଯ୍ୟନ୍ତ ନିଜର ଅନଲାଇନ(online) ରେଜେଷ୍ଟ୍ରିକରଣ କରିନାହାନ୍ତି । OPWD କୋଡ୍(code) ଧାରା ୧୨.୪, Appendix- IX(A) ଭାଗ ୨ ଅନୁଯାଇ ବର୍ତ୍ତମାନ ତା: ୩୧.୧୨.୨୦୨୦ ରିଖ ସୁଦ୍ଧା ସମସ୍ତ ଠିକାଦାର, "ଠିକାଦାର ତଥ୍ୟାବଳି ପରିଚାଳନା ପଦ୍ଧତି"(CDMS) ମାଧ୍ୟମରେ ରେଜେଷ୍ଟ୍ରିକରଣ କରିବା ବାଧ୍ୟତାମୂଳକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ତେଣୁ ସମସ୍ତ ବର୍ଗର ଠିକାଦାର ମାନଙ୍କୁ ଅନୁରୋଧ କରାଯାଉଅଛି ଯେ ତା: ୩୧.୧୨.୨୦୨୦ସୁଦ୍ଧା ନିଶ୍ଚିତ ଭାବରେ "ଠିକାଦାର ତଥ୍ୟାବଳି ପରିଚାଳନା ପଦ୍ଧତି" (CDMS) ମାଧ୍ୟମରେ ଅନଲାଇନ(online) ରେଜେଷ୍ଟ୍ରିକରଣ କରିବା ହେବେ ନଚେତ କୌଣସି ଠିକାଦାର ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରି ପାରିବେ ନାହିଁ।

ଏତଦ୍ଵାରା ଟେଣ୍ଡର ଆବେଦନକାରୀ ଅଧିକାରୀ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ବିଜ୍ଞପ୍ତି ଜାରି କରିବା ସମୟରେ , OPWD କୋଡ୍(code) ର ଧାରା ୧୨.୪, Appendix- IX(A) କୁ ସମସ୍ତ " ବିସ୍ତୃତ ଟେଣ୍ଡର କଲ ବିଜ୍ଞପ୍ତି" (DTCN) ରେ ଅନ୍ତର୍ଭୁକ୍ତ କରନ୍ତୁ।ସେମାନଙ୍କୁ ଅନୁରୋଧ କରାଯାଉଅଛି ଯେ ତା ୩୧.୧୨.୨୦୨୦ ରିଖ ଠାରୁ ଯେଉଁ ଠିକାଦାର ମାନେ "ଠିକାଦାର ତଥ୍ୟାବଳି ପରିଚାଳନା ପଦ୍ଧତି" (CDMS) ପୋର୍ଟାଲ ରେ ରେଜିଷ୍ଟ୍ରେସନ କରି ନାହାନ୍ତି, ସେମାନଙ୍କର ଟେଣ୍ଡର ଗ୍ରହଣ କରନ୍ତୁ ନାହିଁ। ଉପରୋକ୍ତ ନିୟମ ର (Codal Provision) ର ଅବମାନନା କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ନିୟମାନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଉପରୋକ୍ତ ସୂଚନା ଅତ୍ୟନ୍ତ ଜରୁରୀ ଅଟେ ।

ସ୍ପଷ୍ଟୀକରଣ ନିମନ୍ତେ ଯୋଗାଯୋଗ କରନ୍ତୁ : CDMS Helpdesk No- ୦୬୭୪-୨୯୭୨୯୧୮/ ମୋବାଇଲ- ୯୪୩୯୭୯୭୮୪୦, ରାଜ୍ୟ ସଂଗ୍ରହଣ କକ୍ଷ, ଭୁବନେଶ୍ୱର, ଓଡିଶା ।

(ସ୍ୱାକ୍ଷରିତ: ଇଂ ପ୍ରଭାତ କୁମାର ପାଲ)
ମୁଖ୍ୟ ଯନ୍ତ୍ରୀ ତଥା ମୁଖ୍ୟ ପରିଚାଳକ (ବୈଷୟିକ)
ରାଜ୍ୟ ସଂଗ୍ରହଣ କକ୍ଷ, ଭୁବନେଶ୍ୱର, ଓଡିଶା